# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**25 July– 2026**

---

## ସୁନାବେଶ

ଶ୍ରୀକ୍ଷେତ୍ର ପୁରୀରେ ଆଜି ହରିଶୟନ ଏକାଦଶୀ ତିଥିରେ ଶ୍ରୀଜୀଉମାନଙ୍କ ସୁନାବେଶ ଅନୁଷ୍ଠିତ ହେବ । ଆଜି ସକାଳୁ ମଙ୍ଗଳ ଆଳତୀ, ମଇଲମ ଓ ତଡପଲାଗି ଆଦି ନୀତି ରଥ ଉପରେ କରାଯାଇଛି । ସନ୍ଧ୍ୟା ଆଳତୀ ପରେ ମହାପ୍ରଭୁଙ୍କ ସୁନାବେଶ ହେବ । ସନ୍ଧ୍ୟା ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ସୁନାବେଶ ଦର୍ଶନ କରିପାରିବେ । ବାହୁଡା ଯାତ୍ରାରେ ଗତକାଲି ଶ୍ରୀଗୁଣ୍ଡିଚା ମନ୍ଦିରରେ ଆଡପ ଲୀଳା ଶେଷ କରି ଚତୁର୍ଦ୍ଧାମୂର୍ତ୍ତି ତିନିରଥରେ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଛନ୍ତି ।  ଗତକାଲି ନନ୍ଦିଘୋଷ ରଥ ଶ୍ରୀନଅର ସମ୍ମୁଖରେ ପହଞ୍ଚିବା ପରେ ଲକ୍ଷ୍ମୀନାରାୟଣ ଭେଟ ନୀତି ଅନୁଷ୍ଠିତ ହୋଇଥିଲା । ସୁନାବେଶ ପାଇଁ ଆଜି ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ପୁଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

---

## କେନ୍ଦ୍ରାପଡ଼ା ରଥ

ବାହୁଡ଼ା ଯାତ୍ରାର ପ୍ରଥମ ଦିନରେ ତୁଳସୀକ୍ଷେତ୍ର କେନ୍ଦ୍ରାପଡା ଜିଲ୍ଲାରେ ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉଙ୍କୁ ରଥାରୁଢ଼ କରାଯାଇଛି । ପରମ୍ପରା ଅନୁଯାୟୀ ଆଜି ଅପରାହ୍ଣରେ ରଥଟଣା  ହେବ । ଗତକାଲି ବାହୁଡ଼ା ଧାଡି ପହଣ୍ଡି ଦର୍ଶନ ଲାଗି ଭକ୍ତଙ୍କ ସମାଗମ ହୋଇଥିଲା ।

---

# ପୁରୀ-ରେଳ ଚଳାଚଳ

ରଥଯାତ୍ରା ସମୟରେ ସୁରକ୍ଷିତ, ନିରାପଦ ଏବଂ ପ୍ରଯୁକ୍ତି ବିଦ୍ୟା ଆଧାରିତ ରେଳ ଚଳାଚଳ ସୁନିଶ୍ଚିତ କରିବା ପାଇଁ ପୁରୀ ରେଳଷ୍ଟେସନରେ ପୂର୍ବତଟ ରେଳବାଇ ପକ୍ଷରୁ କୃତ୍ରିମ ବୁଦ୍ଧିମତା ପରିଚାଳିତ ରୋବଟିକ୍ସ ସୁରକ୍ଷା ପ୍ଲାଟଫର୍ମ ଡିଏସ୍‌ସି ଅର୍ଜୁନ ମୁତୟନ କରାଯାଇଛି । ଏହି ବ୍ୟବସ୍ଥାରେ ଅତ୍ୟଧିକ ଭିଡ଼ ସମୟରେ ଯାତ୍ରୀ ସୁରକ୍ଷା ଏବଂ ନୀରିକ୍ଷଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯାଇପାରିଛି । ସୁନାବେଶ ଏବଂ ଅଧରପଣା ଲାଗି ଯାତ୍ରୀ ଭିଡ଼କୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ରାଜ୍ୟର ପ୍ରାୟ ସମସ୍ତ ଅଞ୍ଚଳରୁ ପୁରୀ ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି । ଏଥିଲାଗି ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇଛି ।

---

# ଏନ୍‌ଟିଏ

ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ. ପକ୍ଷରୁ ବିଭିନ୍ନ ସ୍ତରରେ ବରିଷ୍ଠ ବୃତ୍ତିଗତ ପଦବିପାଇଁ ନିଯୁକ୍ତି ସଂକ୍ରାନ୍ତ ବିଜ୍ଞପ୍ତି ଜାରି ହୋଇଛି । ସେହିଭଳି କେନ୍ଦ୍ରୀୟ ଲୋକସେବା ଆୟୋଗର ପ୍ରତିଭାସେତୁ ପୋର୍ଟାଲ୍ ମାଧ୍ୟମରେ ମଧ୍ୟ ୧୬ ଜଣ ବୃତ୍ତିଗତଙ୍କୁ ନିଯୁକ୍ତି ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ଏନ୍.ଟି.ଏ. ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଜାତୀୟ ପରୀକ୍ଷଣ ସଂସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଏଭଳି ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଫେସର କେ. ରାଧାକ୍ରିଷ୍ଣନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ସୁପାରିସ ଆଧାରରେ ଏହାକୁ କାର୍ଯ୍ୟକାରୀ କରାଯାଉଛି ବୋଲି ଏନ୍.ଟି.ଏ. ପକ୍ଷରୁ କୁହାଯାଇଛି।

ଚୁକ୍ତିଭିତ୍ତିକ ୪ଟି ଜେନେରାଲ୍ ମ୍ୟାନେଜର ପଦବିପାଇଁ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି । ଭବିଷ୍ୟତରେ କମିଟି ସୁପାରିସ କରିଥିବା ୧୦ଟି କାର୍ଯ୍ୟକ୍ଷେତ୍ରପାଇଁ ଆହୁରି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଏନ୍.ଟି.ଏ. କହିଛି ।

ଅନ୍ୟପକ୍ଷରେ ସଂସ୍କାରମୂଳକ ପଦକ୍ଷେପସ୍ୱରୂପ ୪୭ ଜଣ ଅଧିକାରୀଙ୍କୁ ଏନ୍‌ଟିଏ ପକ୍ଷରୁ ଚାକିରିରୁ ବହିଷ୍କାର କରାଯାଇଛି । ପ୍ରଶ୍ନପତ୍ର ପ୍ରଘଟ ମାମଲା ପରିପ୍ରେକ୍ଷୀରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି । ଏଥିମଧ୍ୟରୁ କିଛି ଅଧିକାରୀଙ୍କ ବିରୋଧରେ ଅପରାଧିକ କାର୍ଯ୍ୟକଳାପ ଅଭିଯୋଗ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏନ୍.ଟି.ଏ. କହିଛି ।

---

# ରାଜ୍ୟପାଳ

ଯୁବପିଢ଼ୀଙ୍କ ମଧ୍ୟରେ ସମାଧାନମୂଳକ ନେତୃତ୍ୱର ବିକାଶ ଜରୁରୀ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ପରିସରରେ ଆୟୋଜିତ ୟଙ୍ଗ ଇଣ୍ଡିଆ ପାର୍ଲ୍ୟାମେଣ୍ଟର ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ରାଜ୍ୟପାଳ ଯୁବ ନେତୃତ୍ୱଙ୍କୁ ସମାଜ ଓ ଦେଶର କଲ୍ୟାଣ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି ।

---

# ସମବାୟ ସମିତି କାର୍ଯ୍ୟକ୍ରମ

କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଆନୁକୂଲ୍ୟରେ ସମବାୟ ମଧ୍ୟରେ ସମନ୍ୱୟ କାର୍ଯ୍ୟକ୍ରମ ଅଧୀନରେ ସମସ୍ତ ଦୁଗ୍ଧ ସମବାୟ ସମିତିକୁ ମାଇକ୍ରୋ ଏଟିଏମ୍ ଓ ନୂତନ ବ୍ୟାଙ୍କ ଖାତା ଖୋଲିବା କାର୍ଯ୍ୟକ୍ରମ ଅନୁଷ୍ଠିତ

ହୋଇଯାଇଛି । ଏଥିରେ ୩୫ଟି ଦୁଗ୍ଧ ସମବାୟ ସମିତିକୁ ମାଇକ୍ରୋ ଏଟିଏମ୍ ପ୍ରଦାନ କରାଯାଇଥିବାବେଳେ ୧୬୦ଜଣ ଦୁଗ୍ଧ ଚାଷୀଙ୍କ ବ୍ୟାଙ୍କ ଜମାଖାତା ଖୋଲାଯାଇଛି ।

## ଭିତ୍ତିପ୍ରସ୍ତର ସ୍ଥାପନ

ଭଦ୍ରକ ଜିଲ୍ଲା ଧାମନଗରଠାରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଅଟଳ ମାର୍କେଟ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେଲେ ବ୍ୟବସ୍ଥିତ ଓ ସ୍ଥାୟୀ ବ୍ୟବସାୟିକ ଭିତ୍ତିଭୂମିର ବିକାଶ ଘଟିବ ବୋଲି ମନ୍ତ୍ରୀ କହିଛନ୍ତି।

## ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ

ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ଶାସନ ସଚିବ ରଶ୍ମିତା ପଣ୍ଡା ଦିନିକିଆ ଖୋର୍ଦ୍ଧା ଜିଲ୍ଲା ଗସ୍ତରେ ଯାଇ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଜିଲ୍ଲା ନିର୍ବାଚନ ଅଧିକାରୀ, ଭୋଟର ପଞ୍ଜିକରଣ ଅଧିକାରୀ ଓ ବିଭିନ୍ନ ରାଜନୈତିକ ଦଳର ଜିଲ୍ଲା ସଭାପତି ମାନଙ୍କ ସହ ଅନୁଷ୍ଠିତ ବୈଠକରେ ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଶ୍ରୀମତୀ ପଣ୍ଡା ଆଲୋଚନା କରିଥିବା ଜଣାପଡିଛି ।

## ସଚେତନତା ଅଭିଯାନ

ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ ବାହୁଡାଯାତ୍ରା ଅବସରରେ ବାଲ୍ୟବିବାହ ନିରାକରଣ ଏବଂ ଶିଶୁ ଅଧିକାର ନେଇ ସଚେତନତା

ଅଭିଯାନ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଏକ ପ୍ରଚାର ରଥ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସମ୍ବନ୍ଧୀୟ ବାର୍ତ୍ତା ମଧ୍ୟ ପ୍ରଚାର କରାଯାଉଛି ।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା

ଗ୍ଲାସ୍‌ଗୋଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଝଣ୍ଟୁ କୁମାର ପୁରୁଷ ଭାରୋତ୍ତୋଳନରେ କାଂସ୍ୟ ପଦକ ଜିତିଛନ୍ତି । ଭାରତର ଝଣ୍ଟୁ କୁମାର ୧୯୦ କିଲୋଗ୍ରାମ ବର୍ଗରେ ଏହି ସଫଳତା ହାସଲ କରିଛନ୍ତି ।

## ପାଣିପାଗ

ଉତ୍ତର ଗାଙ୍ଗେୟ ପଶ୍ଚିମବଙ୍ଗ ଓ ପାର୍ଶ୍ୱବର୍ତ୍ତୀ ବାଂଲାଦେଶରେ ସକ୍ରିୟ ଘୂର୍ଣ୍ଣିବଳୟର ପ୍ରଭାବରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଲଘୁଚାପ ପ୍ରଭାବରେ ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଲାଗିରହିବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ କଟକ, ଅନୁଗୋଳ, ଢ଼େଙ୍କାନାଳ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।